# Akashvani, Sambalpur

## SAMBALPURI NEWS BULLETIN

### 8 December 2025 – 6.47- 6.52 am.

*********************************************

ବନ୍ଦେ ମାତରମ୍-୧୫୦ ତମ ବାର୍ଷିକୀ          ଏନ୍ଏସ୍ଡି

ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକ୍ସଭା ନ ଜାତୀୟ ଗୀତ୍ ବନ୍ଦେ ମାତରମ୍ର ଶହେ ୫୦ ବଛର୍ ପୂର୍ତି ଅବ୍ସରେ ଗୁଟେ ଖାସ୍ ଆଲୋଚନା ଆଏକ୍ ମୁଲ୍ କର୍ବେ । ମଏଧାନ୍ର ୧୨ ବଜେନୁ ଆଲୋଚନା ମୁଲ୍ ହେବା । ୧୦ ଘଂଟାତକ୍ ହେବାର୍କେ ଥିବା ଇ ଆଲୋଚନାଚକ୍ରଥି ଭାରତୀୟ ଜନତା ଦଲ୍କେ ଲୋକ୍ସଭା ନ ୩ ଘଂଟା ସମିଆ ଦିଆଯାଇଛେ । ରାଜ୍ୟସଭା ନ ଆଏବା କାଏଲ୍ ଇ ବିଷେଥି ଆଲୋଚନାଚକ୍ର କରାଯିବା ।

ଶିକ୍ଷାମନ୍ତ୍ରୀ     ଆର୍ଏନ୍ୟୁ/ ସମ୍ବଲପୁର

ପୋଷଣ୍ ଅଭିଯାନ୍ ଜରିଏ ଛାତ୍ରଛାତ୍ରୀମାନ୍କର୍ ଲାଗି ସନ୍ତୁଳିତ ପୋଷଣ୍ ସୁନିଶ୍ଚିତ୍ କର୍ବାର୍ଟା ଶିକ୍ଷା ସଂସ୍କାର୍ର ଗୁଟେ ଜରୁରୀ ଆଧାର୍ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ଭୋପାଲ୍ଠାନେ

ଗଲାକାଏଲ୍ ହେଇଥିବା ଜାତୀୟ ଶିକ୍ଷାନୀତି -୨୦୨୦- କ୍ରିୟାନ୍ୱୟନ୍, ଆହ୍ୱାନ୍ ଆଉ ସମ୍ଭାବନା ଉପ୍‌ରେ ଦିନ୍‌କିଆ ରାଜ୍ୟସ୍ତରୀୟ କର୍ମଶାଳାଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ମାର୍ଗଦର୍ଶନ୍‌ଥି ୨୦୩୫ତକ୍ ପୁରାପୁରି ଔପନିବେଶିକ ମାନସିକତା ନୁ ମୁକ୍ତ ଆଉ ଆତ୍ମଗୌରବ୍‌ଥି ଭର୍‌ପୁର୍ ଗୁଟେ ଶିକ୍ଷା ପ୍ରଣାଲୀ ଥାପ୍‌ନା କର୍‌ବାର୍‌କେ ସଂକଳ୍ପ ରହିଛେ ।

ଜାତୀୟ ହସ୍ତଶିଳ୍ପ ସପ୍ତାହ I&PR

ଜାତୀୟ ହସ୍ତଶିଳ୍ପ ସପ୍ତାହ -୨୦୨୫ ଆଏଜ୍‌ଠାନୁ ମୁଲ୍ ହେଉଛେ । ପୁରୀ ଜିଲ୍ଲାର୍ କୋଣାର୍କ ନ ଆଏଜ୍ ସଞ୍ଜ୍‌ବେଲା ହସ୍ତତନ୍ତ ଆଉ ବୟନଶିଳ୍ପ ବିଭାଗ୍ ତର୍‌ଫୁ ଇ ଅବ୍‌ସରେ ଭବ୍ୟ ସମାରୋହର୍ ଆୟୋଜନ୍ କରାଯାଇଛେ । ୭ ଦିନିଆ କାର୍ଯ୍ୟକ୍ରମ୍‌କେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନ୍ କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ୍ ମେଳା I&PR

ଜଙ୍ଗଲ୍ ପରିବେଶ୍, ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ଆଉ ରାଜ୍ୟ ଔଷଧୀୟ ଉଭିଦ ପରିଷଦ୍ ତର୍‌ଫୁ ଆଏବା ୧୦ ତାରିଖ୍‌ନୁ ୧୮ ନମ୍ବର

ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ୍ ମେଳା ଆୟୋଜନ୍ କରାଯିବା । ଭୁବ୍‌ନେଶ୍ୱର୍ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆ ନ ହେବାର୍‌କେ ଥିବା ମେଳା ୧୬ ତାରିଖ୍‌ତକ୍ ଚାଲ୍‌ବା । ଇ ଅବ୍‌ସରେ ରାଜ୍ୟ ଆଉ ରାଜ୍ୟ ବାହାରର୍ ଭିନ୍ ଭିନ୍ ଜଙ୍ଗଲି ଦରବ୍, ହର୍ବାଲ୍ ତେଲ୍, ହଲ୍‌ଦି ମହୁ ବାଗିର୍ ଜଙ୍ଗଲି ଖାଦ୍ୟ ଆଉ ଜଡ଼ିବୁଟି ଉତ୍ପାଦ ପ୍ରଦର୍ଶିତ୍ କରାଯିବା ।

ମୁଖ୍ୟମନ୍ତ୍ରୀ- ଜନଶୁଣାଣି ଶିବିର ବନ୍ଦ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ଅଧିବେଶନ୍ ଚାଲିଥିବାର୍‌ନୁ ଆଏଜ୍ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ଶିବିର ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ ପୁରୀ ସମ୍ବାଦଦାତା

ପୁରୀ ନ ଚାଲିଥିବା ବୈଶ୍ୱିକ ଶକ୍ତି ନେତୃତ୍ୱ ସମ୍ମିଳନୀ-୨୦୨୫ ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ସମ୍ମିଳନୀଥି ଭାରତ୍‌ର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନ୍ ଲାଗି ଗୁଟେ ସ୍ଥାୟୀ, ସହଯୋଗ୍ ଢାଂଚା ତିଆର୍ କର୍‌ବାର୍ ଦିଗେ ପୁରୀ ଘୋଷ୍‌ନାନାମା ଚିଠା ତିଆର୍ କରାଯାଇଛେ । ଇ

ଅବ୍‌ସରେ ଭାରତ୍‌ର ଶକ୍ତି ପରିବର୍ତନ୍‌କେ ବର୍‌କସ୍ ଆଉ ଅକ୍ଷୟଶକ୍ତିର୍ ବିକାଶ୍ ଲାଗି ୪ ଟା ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । କାର୍ବନ୍ ନିରପେକ୍ଷତା ଲାଗି ତିଆର୍ କରାଯାଇଥିବା ଭାରତ୍‌ର ପହେଲା ପ୍ରମୁଖ ଶକ୍ତି ସମ୍ମିଲନୀ ଭିତ୍‌ରୁ ଇ ସମ୍ମିଲନୀ ଅଲ୍‌ଗା ଆଏ ବଲି ଉଦ୍‌ଯାପନୀ ଦିନ ସାମ୍ବାଦିକ୍ ସମ୍ମିଲନୀ ଜରିଏ ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ କହିଛନ୍ । ନୀତି ଆୟୋଗ୍‌ର ସିଇଓ ବି.ଭି.ଆର୍ ସୁବ୍ରମଣ୍ୟମ୍ ଇ ସମ୍ମିଲନୀର୍ ନେତୃତ୍ୱ ନେବାର୍ ଲାଗି ଓଡ଼ିଶାକେ ଅଭିନନ୍ଦନ୍ ଜନେଇଛନ୍ ।

## ରାୟପୁର୍- ବିଶାଖାପାଟ୍‌ନା ଆର୍ଥିକ କରିଡ଼ର  ପି.ଆଇ.ବି.

ରାୟପୁର୍- ବିଶାଖାପାଟ୍‌ନା ଆର୍ଥିକ କରିଡ଼ର୍ ପ୍ରକଳ୍ପ କାମ୍ ୨୦୨୬ ଡିସେମ୍ବର୍ ମାସ୍‌ତକ୍ ଶେଷ୍ ହେବା । ୧୬ ହଜାର୍ ୪ ଶହ ୮୨ କୋଟି ଟଙ୍କା ଖର୍ଚ୍ଚାଥି ତିଆର୍ ହଉଥିବା ଇ କରିଡ଼ର୍ କାର୍ଯ୍ୟକ୍ଷମ୍ ହେଲେ ଓଡ଼ିଶା ଛତିଶ୍‌ଗଡ଼୍ ଆଉ ଆନ୍ଧ୍ରପ୍ରଦେଶ୍‌ର ବିକାଶ୍‌କେ ତୁର୍‌ତି କର୍‌ବା । ତିନ୍‌ହି ରାଜ୍ୟର୍ ଅପହଂଚ୍ ଇଲାକା ମାନ୍‌କର୍ ବିକାଶ୍ ହେବାର୍ ସହେତେ ଲୁକ୍‌କର୍ ଜୀବନ୍ ଜୀବିକାର୍ ଉନ୍ନତି ହେବା । ଇ ରାସ୍ତା ତିଆର୍ ହେଲେ ପାଖାପାଖି ଶହେ ୩୨ କିଲୋମିଟର୍ ରାସ୍ତା ଯାଆସ୍ କମ୍‌ବାର୍ ସହେତେ

୭ ଘଂଟା ସମିଆ ବଂଚ୍‌ବା । ଇଥିର୍‌ଲାଗି ଯାତ୍ରୀ ଆଉ ମାଲ୍ ପରିବହନ୍ ଆହୁରି ତୁର୍‌ତି ହେଇପାର୍‌ବା ।

ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ବର୍‌ଗଡ଼୍ ସମ୍ବାଦଦାତା

ବର୍‌ଗଡ଼୍ ନ ଚାଲିଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାଥି ଗଲାକାଏଲ୍ ବର୍‌ଗଡ଼୍ ବିଧାୟକ୍ ଅଶ୍ୱିନୀ ଷଡ଼ଙ୍ଗୀ ମୁଖ୍ୟ ଅତିଥି ଆଉ ଭଟ୍‌ଲି ବିଧାୟକ୍ ଇରାସିସ୍ ଆଚାର୍ଯ୍ୟ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇଥିଲେ । ଚାଷୀମାନେ ସର୍‌କାରୀ ସୁବିଧା ସୁଯୋଗ୍‌ର୍ ଲାଭ୍ ନେବାର୍ ସହେତେ ଯେନ୍ ଯେନ୍ ଯୋଜ୍‌ନାଥି ସବ୍‌ସିଡ଼ି ଲାଗି ଅପେକ୍ଷା କରିଛନ୍, ଖୋବ୍ ଜଲ୍‌ଦି ସେଟା ଯୁଗେଇ ଦିଆଯିବା ବଲି ଇ ଅବ୍‌ସରେ ଅତିଥିମାନେ ପ୍ରତିଶ୍ରୁତି ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ସଫଲ୍ ଚାଷୀମାନ୍‌କୁ ସମ୍ବର୍ଦ୍ଧିତ୍ କରାଯିବାର୍ ସହେତେ ୩ ଝନ୍‌କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ୍ ଯୋଜ୍‌ନାଥି ଆଉ ୨ ଝନ୍‌କୁ ଏମ୍.ଆଇ.ଡି.ଏଚ୍. ଯୋଜ୍‌ନାଥି କାର୍ଯ୍ୟାଦେଶ୍ ଦିଆଯାଇଛେ ।

ବାରବାଟୀ ମେଚ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଭାରତ୍-ଦକ୍ଷିଣ ଆଫ୍ରିକା ଟି-ଟ୍ୱେଂଟି କ୍ରିକେଟ୍ ଶୃଙ୍ଖଳାର୍ ପହେଲା ମେଚ୍ ଆଏବା କାଏଲ୍ ଖେଲାଯିବା । ଇଥିର୍‌ଲାଗି ଦୁହି ଦଲର୍ ସବୁ ଖେଲାଲି ଭୁବ୍‌ନେଶ୍ୱର୍ ନ ପୁହୁଁଚିସାରିଛନ୍ । ଷ୍ଟାଡ଼ିୟମ୍ ଠାନେ ଆଏଜ୍ ଦିନର୍ ଦେଢ଼୍ ବଜେ ଭାରତୀୟ ଦଲର୍ ଖେଲାଲିମାନେ ଆଉ ସଞ୍ଜ୍‌ବେଲର୍ ସାଢ଼େ ୫ ବଜେ ଦକ୍ଷିଣ୍ ଆଫ୍ରିକା ଦଲ୍ ନେଟ୍ ଅଭ୍ୟାସ୍ କର୍‌ବେ । ଇଥିର୍‌ଲାଗି ୨ ଟା ଗେଲେରୀ ଖୁଲା ରହେବା । ଅଭ୍ୟାସ୍ ସର୍‌ଲା ଉତ୍‌ରୁ ଦୁହି ଦଲ୍ ତର୍‌ଫୁ ସାମ୍ବାଦିକ୍ ସମ୍ମିଲନୀ ଜରିଏ ମେଚ୍ ଆଉ ଖେଲ୍ ଜାଗାକେ ନେଇକରି ମତାମତ୍ ରଖାଯିବା ବଲି ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ତର୍‌ଫୁ କୁହାଯାଇଛେ ।

ସ୍ୱତନ୍ତ୍ର ଟ୍ରେନ୍          ଆର୍‌ଏନ୍‌ୟୁ/ କଟକ୍

ଗୁଟେ ଘରୋଇ ବିମାନ୍ କମ୍ପାନୀର୍ ବହୁତ୍‌ଟେ ବିମାନ୍ ସେବା ବାତିଲ୍ ହେବାର୍ ଉତ୍‌ରୁ ଯାତ୍ରୀମାନେ ଭିନ୍ ଭିନ୍ ସମସ୍ୟାର୍ ସାମ୍ନା କରୁଛନ୍ । ଏନ୍ତା ଥିତିକେ ନଜର୍‌ଥି ରଖିକରି ରେଲ୍‌ବାଇ ତର୍‌ଫୁ ୮୯ ଟା ଖାସ୍ ଟ୍ରେନ୍ ଚଲାଚଲ୍ ମୁଲ୍ କରିଛେ । ମୁମ୍ବାଇ, ପୁନେ, ହାୱଡ଼ା, ହାଇଦ୍ରାବାଦ୍ ବାଗିର୍ ସହର୍ ମାନ୍‌କୁ ଯାତ୍ରୀ ପରିବହନ୍ ଠିକ୍‌ସେ ହେଇପାର୍‌ବା ବଲି ଆଶା କରାଯାଉଛେ । ବଢୁଥିବା ଯାତ୍ରୀ ଚାହିଦାକେ ନଜର୍‌ଥି ରଖିକରି ରେଲ୍‌ବାଇ ତର୍‌ଫୁ ଇ ପଦକ୍ଷେପ୍ ନିଆଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ରାତିର୍ ତାପମାତ୍ରା କମିକରି ଶୀତ୍ ବଢ଼ିଛେ । ଆଏବା ୭ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ସୁନ୍ଦର୍‌ଗଡ୍‌, କଲାହାଣ୍ଡି ଆଉ କୋରାପୁଟ୍ ନ ଆଏବାକାଏଲ୍ ବହଲିଆ କୁହୁଡ଼ି ହେବା । ଝାର୍‌ସୁଗୁଡ଼ା, ଖୋର୍ଦ୍ଧା, ଜଗତ୍‌ସିଂହପୁର୍ ଆର୍ ଅନୁଗୁଲ୍ ନ ଜବର୍ ଶୀତ୍ ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।